ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AG&FE (OD))/1052/15-01-2021**

# କୋଭିଡ୍-୧୯ ସ୍ଥିତି ସତ୍ତ୍ୱେ ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା ୩,୯୫,୦୩୨ କ୍ୱିଣ୍ଟାଲ୍ ଏବଂ ୨୫,୦୩୪ କ୍ୱିଣ୍ଟାଲ୍ ଅଣଧାନ ବିହନ ଉତ୍ପାଦନ

ଭୁବନେଶ୍ୱର, ତା.୧୫/୦୧/୨୦୨୧

କୋଭିଡ୍-୧୯ ସ୍ଥିତିରେ ଲକ୍‌ଡାଉନ୍, ସଟଡାଉନ୍ କଟକଣା ସତ୍ତ୍ୱେ ୨୦୨୦ ବର୍ଷରେ ଓଡ଼ିଶା ରାଜ୍ୟ ବିହନ ନିଗମ ବିହନ ଉତ୍ପାଦନ ଏବଂ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ନିଗମ ଦ୍ୱାରା ନିଜସ୍ୱ ଯୋଜନା 'ମୋ ବିହନ ଯୋଜନା'ରେ ଏବଂ ଅନ୍ୟ ସଂସ୍ଥାମାନଙ୍କ ସହଯୋଗିତାରେ ୩,୯୫,୦୩୨ କ୍ୱିଣ୍ଟାଲ୍ ଧାନ ଏବଂ ୨୫,୦୩୪ କ୍ୱିଣ୍ଟାଲ୍ ଅଣଧାନ ବିହନ ଉତ୍ପାଦନ କରିପାରିଛି । ନୂତନ କିସମର ୨୫ଟି ଧାନ, ୪ଟି ମାଣ୍ଡିଆ, ୧୪ଟି ଡାଲି ଏବଂ ୧୬ଟି ତୈଳବୀଜ ବିହନକୁ 'ବିହନ ଉତ୍ପାଦନ ଯୋଜନା'ରେ  ସାମିଲ କରାଯାଇଛି । ନିଗମ ଦ୍ୱାରା ଡିବିଟି ମାଧ୍ୟମରେ ରେକର୍ଡ ପରିମାଣର ୪,୦୭,୪୪୦ କ୍ୱିଣ୍ଯାଲ୍ ଧାନ ଏବଂ ୫୭,୨୪୩ କ୍ୱିଣ୍ଟାଲ୍ ଅଣଧାନ ବିହନ ବିକ୍ରୟ କରାଯାଇପାରିଛି । ନିଗମର ବରଗଡ଼, ବରପାଲି ଏବଂ ପରମାଣପୁର ଫାର୍ମରେ ଅନ୍ୟ ସଂସ୍ଥାଙ୍କ ସହଭାଗିତାରେ ବିହନ ଉତ୍ପାଦନ କରାଯାଇ ୨,୯୪୨ କ୍ୱିଣ୍ଟାଲ୍ ପିଣ୍ଡ ବିହନ ଉତ୍ପାଦନ କରାଯାଇଛି ଏବଂ ହେକ୍ଟର ପ୍ରତି ଅନୁମୋଦିତ ୩୦ କ୍ୱିଣ୍ଟାଲ୍‌ଠାରୁ ଅଧିକ ଅମଳ କରାଯାଇଛି ।

କୋଭିଡ୍ କଟକଣାରେ ସତ୍ତ୍ୱେ ୧୪,୫୨,୪୦୭ ଗୋଟି ଫଳଚାରା, ୬୩୦ କ୍ୱିଣ୍ଟାଲ୍ ଆଳୁ ଏବଂ ୧୨୧ କ୍ୱିଣ୍ଟାଲ୍ ପିଆଜ ମଂଜି ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗ ତଥା ଅନ୍ୟ ସଂସ୍ଥାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗାଇ ଦିଆଯାଇଛି । ନିଗମ ଦ୍ୱାରା ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ଏବଂ ମୋ ଉପକାରୀ ବଗିଚା ଯୋଜନାରେ ବିହନ ଯୋଗାଣ କରି ଯୋଜନାକୁ ସଫଳ କରିବାରେ ସହାୟକ ହୋଇପାରିଛି ଯାହାକି ଭାରତ ସରକାରଙ୍କ ନିତି ଆୟୋଗ ଦ୍ୱାରା ପ୍ରଶଂସିତ ହୋଇଛି ।

ଏଥି ସହିତ ରାଜ୍ୟର ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼, ଭୁବନେଶ୍ୱର, କଟକ, ରଙ୍ଗେଇଲୁଣ୍ଡା, ବାବନପୁର ଓ ଶେରଗଡ଼ ଆଦି ଆଠଟି ସ୍ଥାନରେ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରାଯାଇଛି । ବିହନ ସଂରକ୍ଷଣ ପାଇଁ ସୋନପୁର, ଭବାନୀପାଟଣା, ସମ୍ବଲପୁର, ନୟାଗଡ଼, ଭୁବନେଶ୍ୱର, ରଙ୍ଗେଇଲୁଣ୍ଡା, ସାତଶଙ୍ଖ, ବାବନପୁର ଓ ଶେରଗଡ଼ଠାରେ ଗୋଦାମ ଗୃହ ନିର୍ମାଣ କରି ୫୮,୦୦୦ କ୍ୱିଣ୍ଟାଲ ବିହନ ସଂରକ୍ଷଣ ପାଇଁ ଅତିରିକ୍ତ, ୮୭,୦୦୦ ବର୍ଗଫୁଟର ଗୋଦାମ ଗୃହର ବ୍ୟବସ୍ଥା କରାଯାଇଛି ।

ବିହନର ଉତ୍ତମ ସଂରକ୍ଷଣ ପାଇଁ ୧୭୦୦୦ ଗୋଟି ଲୁହା ପ୍ୟାଲେଟ୍ ବିଭିନ୍ନ ଗୋଦାମରେ ବ୍ୟବହାର କରାଯାଇଛି, ଯାହାକି ବିହନ ଗଜା ସମ୍ବନ୍ଧୀୟ ସମସ୍ୟା ହ୍ରାସ କରିବାରେ ସହାୟକ ହୋଇପାରିଛି । ନିଗମର ତିନୋଟି ପ୍ରକ୍ରିୟାକରଣ କେନ୍ଦ୍ର ବରଗଡ଼, ରଙ୍ଗେଇଲୁଣ୍ଡା ଏବଂ ଜୟପୁରଠାରେ ବିହନ ଓଜନ ଯନ୍ତ୍ର ସ୍ଥାପନ କରାଯାଇଛି । ନିଗମର ସମସ୍ତ ୩୭ଟି ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିହନ ପ୍ରକ୍ରିୟାକରଣ କାର୍ଯ୍ୟ ଆରମ୍ଭ କରାଯାଇ ପ୍ରକ୍ରିୟାକରଣକୁ ସରଳ ଓ ଅଧିକ ପାରଦର୍ଶୀ କରାଯାଇଛି। । ଏଥିସହିତ ବିହନ ନିଗମ ଦ୍ୱାରା ଉତ୍ତମ ଆର୍ଥିକ ପରିଚାଳନା ତଥା ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ପ୍ରାରମ୍ଭିକ ଡିବିଟି ପ୍ରଚଳନଜନିତ କ୍ରମବର୍ଦ୍ଧିଷ୍ଣୁ କ୍ଷତିର ଭରଣା ତଥା ବ୍ୟାଙ୍କରୁ ଋଣ ଉଠାଣକୁ ସଂପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି ।

ତାପସ ସାହା
ସୂଚନା ଅଧିକାରୀ